ଇଦ୍‌ରେ ଭାଇଚାରାର ବାର୍ତ୍ତା ଦେଲେ ପ୍ରଶାସନିକ ଅଧିକାରୀ

ମାଲକାନଗିରି, (ଡି.ଏନ୍.ଏ.)-ରାଜ୍ୟରେ କୋଭିଡ୍-୧୯ କଟକଣା ଲାଗୁ ହୋଇଛି। ମାଲକାନଗିରି ସହରରେ ବିଭିନ୍ନ ମନ୍ଦିର, ମସ୍‌ଜିଦ ଓ ଗିର୍ଜାକୁ ଭକ୍ତଙ୍କ ପ୍ରବେଶ ନିଷେଧ କରାଯାଇଛି। ତେବେ ଶୁକ୍ରବାର ଇଦ୍ ପାଇଁ ମୁସଲମାନ ଧର୍ମର ପରମ୍ପରା ପାଳନ ଲାଗି ସ୍ୱଳ୍ପ ସଂଖ୍ୟକ ମୁସଲମାନ ଭାଇ ମସ୍‌ଜିଦରେ ପ୍ରାର୍ଥନା କରିଥିଲେ। ପ୍ରାର୍ଥନାରେ ଯୋଗ ଦେଇ ଭାଇଚାରାର ବାର୍ତ୍ତା ଦେଇଛନ୍ତି ତହସିଲଦାର ଗୁଣନିଧି ନାୟକ, ଆଇଆଇସି ରାମପ୍ରସାଦ ନାଗ। ଉଭୟ ଅଧିକାରୀଙ୍କ ଏପରି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ମୁସଲମାନ ସମ୍ପ୍ରଦାୟର ସଭାପତି ଏସ୍‌ଡି ମଇଉଦ୍ଦିନ୍।



## ସଂକ୍ଷେପରେ

### ୭ଦିନ ଜାମରୁଣ୍ଡା ପଞ୍ଚାୟତ ଶଟ୍‌ଡାଉନ୍

ଉମରକୋଟ, ୧୫।୫(ସ୍ୱ.ପ୍ର.)-ଉମରକୋଟ ବ୍ଲକ ଜାମରୁଣ୍ଡା ପଞ୍ଚାୟତକୁ ସାତ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି ସରପଞ୍ଚ ସମାରି ଗଣ୍ଡ। ଜାମରୁଣ୍ଡା ପଞ୍ଚାୟତର ଅଧିକାଂଶ ଲୋକେ କରୋନା ଆକ୍ରାନ୍ତ ହୋଇଛନ୍ତି। ଗୋଷ୍ଠୀ ସଂକ୍ରମଣ ଆଶଙ୍କା କରି ଏହାକୁ ରୋକିବା ଦିଗରେ ପଦକ୍ଷେପ ସ୍ୱରୂପ ଜାମରୁଣ୍ଡା ପଞ୍ଚାୟତର ସମସ୍ତ ଅଞ୍ଚଳକୁ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହି ଶଟ୍‌ଡାଉନ ସମୟରେ କେବଳ ଜରୁରିକାଳୀନ ସେବା ଔଷଧ ଦୋକାନ, ଆମ୍ବୁଲାନ୍ସ, କ୍ଷୀର ଦୋକାନ ଖୋଲା ରହିବ। ଅନ୍ୟ ଦୋକାନ ବଜାର ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି। ସରକାରୀ କର୍ମଚାରୀ ସେମାନଙ୍କ ପ୍ରମାଣପତ୍ର ଦେଖାଇ ଯା'ଆସ କରିପାରିବେ। ଏହି ନିୟମ ଅବମାନନା କଲେ ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରପଞ୍ଚ ଜାରି କରିଥିବା ଚିଠିରେ ଉଲ୍ଲେଖ ରହିଛି।

### କରୋନାରୁ ରକ୍ଷା ପାଇଁ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା

ଗୁଣପୁର,୧୫।୫(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣପୁର ଏବଂ ଏହାର ଆଖପାଖ ଅଞ୍ଚଳରେ କରୋନା ମହାମାରି ତାର କାୟା ବିସ୍ତାର କରି ଚାଲିଛି। ଦିନକୁ ଦିନ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କରୋନାରୁ ବିଶ୍ୱକୁ ରକ୍ଷା ପାଇଁ କୋଭିଡ୍ ଗାଇଡ୍‌ଲାଇନ୍‌ରେ ଗୁଣପୁର ସହରର ମଦନ ମହୋନ, ଅଦ୍ୱୈତ, ବେଦାନ୍ତ ଆଶ୍ରମ, ଜଗନ୍ନାଥ ମନ୍ଦିର, ଏମ୍‌ଆଇ ଅଫିସ ନିକଟ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ହୋମଯଜ୍ଞ କରାଯାଇଥିଲା।

### ବଡ଼ଭାଇର ଛୁରାମାଡ଼ରେ ସାନ ଗୁରୁତର

ବିଷମକଟକ,୧୫।୫(ଡି.ଏନ୍.ଏ.)- ବଡ଼ଭାଇର ଛୁରାମାଡ଼ରେ ସାନଭାଇ ଗୁରୁତର ହୋଇଛନ୍ତି। ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ଚାଟିକଣା ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ, ଚାଟିକଣା ଗ୍ରାମର ଭୋଳାନାଥ ମହାପାତ୍ରଙ୍କ ୩ ପୁଅ। ହେଲେ ଶନିବାର ଅପରାହ୍ନରେ କୌଣସି କାରଣକୁ ନେଇ ବଡ଼ପୁଅ ଦେବେନ୍ଦ୍ର ଓ ମଝିଆ ପୁଅ ନରେନ୍ଦ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦେବେନ୍ଦ୍ର ମଝିଆ ଭାଇ ନରେନ୍ଦ୍ରଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଥିବା ଜଣାପଡ଼ିଛି। ତାଙ୍କୁ ଉଦ୍ଧାର କରାଯାଇ ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଷମକଟକ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାରର ସମସ୍ତ ସଦସ୍ୟଙ୍କୁ ଥାନାକୁ ନେଇ ପଚରାଉଚରା କରିଥିବାବେଳେ ଦେବେନ୍ଦ୍ରଙ୍କୁ ଅଟକ ରଖିଥିବା ଥାନାଧିକାରୀ ଯଶୱନ୍ତ ହିଆଲ ସୂଚନା ଦେଇଛନ୍ତି।

# ସାନ୍ଧୁବାଡ଼ି ଚେକ୍‌ପଏଣ୍ଟରେ ଜିଲାପାଳଙ୍କ ଅନୁଧ୍ୟାନ

ରାୟଗଡ଼ା ଅଫିସ,୧୫।୫



ଚେକ୍‌ପଏଣ୍ଟ ନିକଟରେ ଜିଲାପାଳ, ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଶନିବାର ଓଡ଼ିଶା-ଆନ୍ଧ୍ର ସୀମାନ୍ତ ସାନ୍ଧୁବାଡ଼ି ଚେକ୍‌ପଏଣ୍ଟ ପରିଦର୍ଶନ କରି ସୀମାରେ ଯାଞ୍ଚ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ସୀମାରେ ନିୟୋଜିତ ପୋଲିସ କର୍ମଚାରୀ, ପରିବହନ କର୍ମଚାରୀ, ଶିକ୍ଷକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ କଡ଼ାକଡ଼ିଭାବେ ଯାଞ୍ଚ କରି ୧୪ଦିନ ପାଇଁ ସାଙ୍ଗରୋଧରେ ରଖିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ପରିଦର୍ଶନରେ ଯିବା ସମୟରେ ଲୋକଙ୍କୁ କୋଭିଡ୍ ନିୟମ ବିଷୟରେ ସଚେତନ ମଧ୍ୟ କରିଥିଲେ। ସେହିପରି

### ପ୍ରବାସୀଙ୍କୁ ୧୪ ଦିନ ସଙ୍ଗରୋଧରେ ରଖିବାକୁ ନିର୍ଦ୍ଦେଶ

ରାସ୍ତାରେ ଏକ କାର୍ ଏବଂ ଅଟୋ ଯାତ୍ରୀ ନେଇ ଯାଉଥିବା ଦେଖି ଅଟକାଇବା ସହ ଜରିମାନା ନିମନ୍ତେ ପୋଲିସ ଓ ପରିବହନ ଅଧିକାରୀଙ୍କୁ ଜଣାଇଥିଲେ। ଗସ୍ତବେଳେ ଜିଲାପାଳଙ୍କ ସହ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ରାୟଗଡ଼ା ବିଡିଓ ରାଜେନ୍ଦ୍ର ମାଝି, ତହସିଲଦାର ଉମାଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ନବରଙ୍ଗପୁରରେ ଡିଜିପି ଅଭୟ, ଏସ୍‌ପି ପ୍ରହ୍ଲାଦ ସାହାଇ ମୀନା ଓ ଅନ୍ୟ ଅଧିକାରୀମାନେ ଜିଲାରେ ମାଓବାଦୀ କାର୍ଯ୍ୟକଳାପ ଓ କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରୁଛନ୍ତି।

# ଅକ୍ଷୟ ତୃତୀୟାରେ ରଥ କାଠ ଅନୁକୂଳ

ଗୁଣପୁର/ଉମରକୋଟ, ୧୫।୫(ଡି.ଏନ୍.ଏ./ସ୍ୱ.ପ୍ର.)

ରାୟଗଡା ଜିଲା ଗୁଣପୁରରେ ରଥ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅକ୍ଷୟ ତୃତୀୟା ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ କରୋନା କଟକଣା ମଧ୍ୟରେ ରଥ କାଠର ଶୁଭ ଅନୁକୂଳ କରାଯାଇଛି। ଦେବୋତ୍ତର ଅଧିକାରୀ ତଥା ତହସିଲଦାର ଶରତ ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ପୂଜକ ମନୋଜ ପାଢୀ ଏବଂ ଦ୍ରୁପତି ମହାନ୍ତି ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର କପିଳେଶ୍ୱର ତାଣ୍ଡି, ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ଗୌରୀଶଙ୍କର ପଣ୍ଡା, ଗଦାଧର ପଣ୍ଡା, ରଥ ନିର୍ମାତା ଭୀମ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ ଶ୍ରୀଜଗନ୍ନାଥ ମନ୍ଦିରରେ ଅକ୍ଷୟତୃତୀୟା ଅବସରରେ ରଥ ତିଆରି ପାଇଁ ଶୁଭ ଦିଆଯାଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ପରମ୍ପରା ଅନୁଯାୟୀ ନିରାଡ଼ମ୍ବର ଭାବେ ବିନା ଭକ୍ତଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ରଥକାଠ ଅନୁକୂଳ କରାଯାଇଛି। ଜଗନ୍ନାଥ ମନ୍ଦିର ମୁଖ୍ୟପୂଜକ ଗୌରହରି ମିଶ୍ର ଓ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ କରାଯାଇଛି।



ଗୁଣପୁର ଓ ଉମରକୋଟରେ ରଥକାଠର ଶୁଭ ଅନୁକୂଳ କରଯାଉଛି।

# ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆବର୍ଜନା ଗଦା



ମୁନିଗୁଡ଼ା,୧୫।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଫେଲ୍ ମାରିଛି। ସହରର ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାବେଳେ ଆବର୍ଜନା ମଧ୍ୟ ସଫେଇ ହେଉ ନ ଥିବା ଦେଖିବାକୁ ମିଳୁଛି। ସହରର ମୁଖ୍ୟରାସ୍ତା ସମେତ ବିଭିନ୍ନ ଅଞ୍ଚଳରେ କୁଡ଼ କୁଡ଼ ଆବର୍ଜନା ପଡ଼ିରହୁଛି। ଏମିତିକି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମଧ୍ୟ ଆବର୍ଜନା ଗଦାହୋଇ ରହିଛି। ସେହିପରି ସାମାନ୍ୟ ବର୍ଷା ହେଲେ ଆବର୍ଜନା ରାସ୍ତା ଉପରକୁ ଆସି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିକରୁଛି। ଡ୍ରେନ୍‌ରେ ପାଣି ଯିବାକୁ ବାଟ ନ ଥିବାରୁ ଆବର୍ଜନା ପାଣି ଜମିରହି ଦୁର୍ଗନ୍ଧ ବାହାରିବା ସହ ମଶାବଂଶ ବୃଦ୍ଧିପାଉଛି। ସୂଚନାଯୋଗ୍ୟ, ମୁନିଗୁଡ଼ା ପଞ୍ଚାୟତ ଅଧୀନରେ ରହିଥିବାବେଳେ ଏନ୍‌ଏସି ଘୋଷଣା ନିମନ୍ତେ ବାରମ୍ବାର ଦାବି କରାଯାଉଛି। ହେଲେ ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପକ୍ଷରେ ପୂର୍ବରୁ ପଞ୍ଚାୟତ ପକ୍ଷରୁ ଆବର୍ଜନା ସଫାକରି ଟ୍ରାକ୍ଟର ଯୋଗେ ଉଠାଯାଉଥିଲା। ହେଲେ ଏବେ ତାହା କରାଯାଉନାହିଁ। ଏହାକୁ ନେଇ ସମସ୍ୟାର ସମାଧାନ ନିମନ୍ତେ ଦାବି ହେଉଛି।

# ଦେଢ଼ମାସ ହେଲା ଡାକ୍ତରଙ୍କ ଦେଖାମିଳୁନି

ଟିକିରି,୧୪।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅଧୀନ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ) ଅବ୍ୟବସ୍ଥା ମଧ୍ୟରେ ରହିଛି। ଜିଲାର ଏକ ପ୍ରମୁଖ ଅଞ୍ଚଳଭାବେ ଏଠାରେ ଜନସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏଠାରେ ବସବାସ କରୁଥିବାବେଳେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ଟିକିରିଠାରେ ଏକ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ଉଷାପଡ଼ାଠାରେ ଏକ ଡାକ୍ତରଖାନା ରହିଛି। ହେଲେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଅଭିଯୋଗ ହେଉଛି।

ଏହି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସେ ପ୍ରାୟ ଦେଢ଼ମାସ ହେଲା ଡାକ୍ତରଖାନାକୁ ଆସୁ ନ ଥିବା ଜଣାପଡ଼ିଛି। ଫଳରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଅନ୍ୟ ଜଣେ ମହିଳା ଆୟୁଷ ଡାକ୍ତର ରହିଥିବାବେଳେ ସେ ସାଧାରଣ ରୋଗର ହୋମିଓପ୍ୟାଥିକ ଚିକିତ୍ସା କରି ଛାଡ଼ନ୍ତି। ମାତ୍ର ଅନ୍ୟ ଗୁରୁତର ରୋଗୀ ଏଠାକୁ ଆସିଲେ ସେମାନଙ୍କୁ ସେବା ଯୋଗାଇବା ବଦଳରେ ରାୟଗଡ଼ା କିମ୍ବା କୋରାପୁଟକୁ ସ୍ଥାନାନ୍ତର କରାଯାଉଛି। ଏ ବିଷୟରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଦାୟିତ୍ୱରେ ଥିବା ଡାକ୍ତରଙ୍କୁ କୌଣସି ଛୁଟି ଦିଆଯାଇନାହିଁ। ତଥାପି ସେ ଦେଢ଼ମାସ ହେଲା କିପରି ଛୁଟିରେ ରହିଛନ୍ତି ସେ ବିଷୟରେ ମୁଁ ଅବଗତ ନାହିଁ। ଏପରିକି ଉକ୍ତ ଡାକ୍ତରଙ୍କ ଫୋନ୍ ନମ୍ବରରେ ଯୋଗାଯୋଗ କଲେ ମଧ୍ୟ ସମ୍ଭବ ହେଉ ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏହାକୁ ନେଇ ରାୟଗଡ଼ା ସିଡିଏମ୍‌ଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। କରୋନା ପରିସ୍ଥିତିରେ ଡାକ୍ତରଖାନା ଉପରେ ନିର୍ଭର କରୁଥିବା ରୋଗୀ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ଜିଲା ପ୍ରଶାସନ ଉକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାସହ ନୂତନ ଡାକ୍ତର ନିଯୁକ୍ତି ନିମନ୍ତେ ଦାବି ହେଉଛି।

### ଟିକିରି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା



# ଖତ ଖାଉଛି ଲକ୍ଷାଧିକ ଟଙ୍କାର ପୌର ସମ୍ପତ୍ତି

ନବରଙ୍ଗପୁର,୧୫।୫(ବି.ପ୍ର.)

- ଅଚଳ ହୋଇ ପଡ଼ିଛି ଜେସିବି, ଟ୍ରାକ୍ଟର, ବସ୍
- ପ୍ରଶାସନର ନିଘା ନାହିଁ

ନବରଙ୍ଗପୁର ପୌରସଂସ୍ଥା ପକ୍ଷରୁ ଉନ୍ନୟନ ଓ ସଫେଇ କାର୍ଯ୍ୟ ପାଇଁ କିଣାଯାଇଥିଲା ବିଭିନ୍ନ ଯନ୍ତ୍ରାଂଶ। କିନ୍ତୁ ସେସବୁ କାମରେ ନ ଲାଗି ଏବେ ଖତ ଖାଉଛି। ଅନେକ ସାମଗ୍ରୀ କିଣିବା ଦିନଠାରୁ ବ୍ୟବହାର ହୋଇନାହିଁ। ଏବେ ସେ ସବୁରେ କଳଙ୍କି ଲାଗି ନଷ୍ଟ ହୋଇ ଗଲାଣି। ଜିନିଷ କିଣିବା ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ତାହା ସବୁ ନଷ୍ଟହୋଇ ଯାଇଥଲେ ମଧ୍ୟ ଏ ଦିଗରେ ପ୍ରଶାସନର ଦୃଷ୍ଟି ପଡୁନାହିଁ।

୨୦୦୯-୧୦ରେ ତତ୍କାଳୀନ ଏମ୍‌ପି ପର୍ଶୁରାମ ମାଝି ଏମ୍‌ପି ପାଣ୍ଠିରୁ ଗୋଟିଏ ଜେସିବି ଏବଂ ବସ୍ କିଣିବାକୁ ଅର୍ଥ ଦେଇଥିଲେ। ଜେସିବିକୁ ପୌରାଞ୍ଚଳରୁ ଅଳିଆ ମାଟି ଆଦି ଉଠାଇବା କାମରେ ଲଗାଯାଉଥିଲା। ସେହିପରି ବସ୍‌ଟି ସହର ମଧ୍ୟରେ ଚଳାଚଳ କରୁଥିଲା। ଏହାପରେ ତିନୋଟି ଟ୍ରାକ୍ଟର, ଆବର୍ଜନା ଉଠାଇବା ପାଇଁ ରହିଥିବା କ୍ୟାରେଜ, ପାଣି ଟ୍ୟାଙ୍କର ଆଦି କିଣାଯାଇଥିଲା। ସେସବୁ କିଛି ମାସ ଚାଲିବା ପରେ ବନ୍ଦ ହୋଇଯାଇଥିଲା। ଏବେ ସେସବୁ ପୌରସଂସ୍ଥା କାର୍ଯ୍ୟାଳୟ ପରିସରରେ ଗାଡ଼ିମଟର ରଖାଯିବା ପାଇଁ ହୋଇଥିବା ଶେଡ୍ ଓ ବାହାରେ ପଡ଼ିଛି। ସହରର ଅଳିଆ ଆବର୍ଜନା ଉଠାଇବା କାମରେ ବର୍ତ୍ତମାନ ଭଡ଼ାରେ ଟ୍ରାକ୍ଟର ବ୍ୟବହୃତ ହେଉଛି। ଏନେଇ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ବସ୍ ଓ ଜେସିବି ମେଶିନ ମରାମତି ହେଲେ ଚାଲିପାରିବ। ଅତି ଶୀଘ୍ର ଏହାର ବ୍ୟବହାର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବାକୁ ବିଜ୍ଞାପନ ବାହାରିବ। ଅନ୍ୟଗୁଡ଼ିକ ଅକ୍ସନ ହେବା ପରିସ୍ଥିତିରେ ରହିଛି। ତାହା କମିଟି ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।



ଅଚଳ ହୋଇ ପଡ଼ି ରହିଥିବା ଗାଡ଼ି।

# କିରାନା ଦୋକାନ ସିଲ୍, ମାଂସ ଦୋକାନକୁ ଜରିମାନା

ମୁନିଗୁଡ଼ା, ୧୫।୫(ଡି.ଏନ୍.ଏ.)

କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ ମୁନିଗୁଡ଼ା ଅଞ୍ଚଳର ଗୋଟିଏ ଦୋକାନକୁ ସିଲ୍ କରାଯାଇଛି। ପ୍ରଶାସନ ପକ୍ଷରୁ ଆଉଏକ ଦୋକାନରୁ ଜରିମାନା ଆଦାୟ ମଧ୍ୟ ହୋଇଛି। ସଳଚନା ଅନୁଯାୟୀ, ଶନିବାର ଶଟ୍‌ଡାଉନ୍ ଥିବାବେଳେ ମୁନିଗୁଡ଼ା ଷ୍ଟେସନ ଛକ ନିକଟରେ ଥିବା ଏକ କିରାନା ଦୋକାନ ଖୋଲାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଉକ୍ତ ଦୋକାନକୁ ସିଲ୍ କରିଥିଲେ। ସେହିଭଳି ଶଟ୍‌ଡାଉନ୍‌ରେ ଖୋଲାଥିବା ଏକ ମାଂସ ଦୋକାନରୁ ଜରିମାନା ଆଦାୟ କରାଯାଇଛି।

# ଆଇସୋଲେଶନ ୱାର୍ଡ, ଭେଣ୍ଟିଲେଟର ବ୍ୟବସ୍ଥା ତଦାରଖ

ଗୁଣପୁର,୧୫।୫(ଡି.ଏନ୍.ଏ.)

### ଗୁଣପୁର ଉପଜିଲାପାଳଙ୍କ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ରାୟଗଡା ଜିଲା ଗୁଣପୁର ଉପଜିଲପାଳ ଜେ.ସୋନାଲ ଶନିବାର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ସେଠାରେ ସେ ଆଇସୋଲେଶନ ୱାର୍ଡ, ଭେଣ୍ଟିଲେଟର ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିଥିଲେ। କୋଭିଡ୍ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଚକ୍ଷୁ ବିଭାଗରେ ତାହା ଖୋଲିବା ପାଇଁ ସୁପରିଣ୍ଟେଣ୍ଡେଣ୍ଟ ଡ.ରମେଶ ଚନ୍ଦ୍ର ସାହୁଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସୋମନାଥ ମିମୋରିଆଲ ହସ୍ପିଟାଲକୁ ଯାଇ ସେଠାରେ କୋଭିଡ୍ ରୋଗୀଙ୍କୁ କିପରି ସେବା ଯୋଗାଇ ଦିଆଯିବ ସେ ନେଇ ସମୀକ୍ଷା କରିଥିଲେ। ଅକ୍ସିଜେନ ସୁବିଧା, ଆଇସୋଲେଶନ ସୁବିଧା ସମ୍ପର୍କରେ ଡାକ୍ତରଖାନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ପାତ୍ରଙ୍କ ସହ ଆଲୋଚନା କରିଥିଲେ। ଅକ୍ସିଜେନ ଏବଂ ଆବଶ୍ୟକ ଔଷଧ ମହଜୁଦ ରଖିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଶଟ୍‌ଡାଉନରେ ପ୍ରାତଃ, ସାନ୍ଧ୍ୟଭ୍ରମଣ ମନା

ରାୟଗଡ଼ା ଅଫିସ,୧୫।୫–

ରାୟଗଡ଼ା ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ୍‌ବେଳେ ଲୋକଙ୍କ ପ୍ରାତଃ-ସନ୍ଧ୍ୟା ଭ୍ରମଣ, ସାଇକ୍ଲିଂ ଏବଂ ଜଗିଂ ଉପରେ ରୋକ ଲଗାଇଛି ଜିଲା ପ୍ରଶାସନ। ସଂକ୍ରମଣକୁ ରୋକିବା ନିମନ୍ତେ ଶଟ୍‌ଡାଉନ୍ କଟକଣାକୁ ଅଧିକ କଡ଼ାକଡ଼ି କରିବାକୁ ଯାଇ ଜିଲାପାଳ ସରୋଜ କୁମାର ମିଶ୍ର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶନିବାର ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାଯୋଗ୍ୟ ପୂର୍ବରୁ ସରକାରଙ୍କ ପକ୍ଷରୁ ସକାଳ ୫ଟାରୁ ୬ ଟା ପର୍ଯ୍ୟନ୍ତ ପ୍ରାତଃ-ସନ୍ଧ୍ୟା ଭ୍ରମଣ ଓ ସାଇକ୍ଲିଂ ପାଇଁ ନିୟମକୁ କୋହଳ କରାଯାଇଥିଲା। ତେବେ ବିନା କାରଣରେ ଲୋକଙ୍କ ବାହାରେ ବୁଲିବା ଉପରେ ରୋକ୍ ଲଗାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

# ମହିଳାଙ୍କ ରୋଷେଇ ଗୁରୁ ପାଲଟିଛି ୟୁଟ୍ୟୁବ୍

### ଲକ୍‌ଡାଉନ୍‌ରେ ଭିଡିଓ ଦେଖି ପରଷୁଛନ୍ତି ସୁସ୍ୱାଦୁ ଖାଦ୍ୟ

ଚନ୍ଦାହାଣ୍ଡି, ୧୫।୫( ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବାକୁ ଏବେ ସାରା ରାଜ୍ୟରେ ଲକ୍‌ଡାଉନ୍ ଚାଲିଛି। ଘରୁ ବାହାରକୁ ଯିବାକୁ ଲୋକଙ୍କୁ ବାରଣ। ଏଣେ ଘରେ ପିଲା ଓ ପରିବାର ଲୋକଙ୍କର ଭଲ ଭଲ ଖାଇବା ବରାଦ। ହୋଟେଲ ଖାଇବା ଆଣି ପିଲାଙ୍କୁ ଦେବାକୁ ସୁରକ୍ଷିତ ମଣୁନାହାନ୍ତି ଗୃହିଣୀ। ତେଣୁ ୟୁଟ୍ୟୁବ୍‌ରେ ସର୍ଚ୍ଚ କରି ଭଳିକି ଭଳି ଖାଇବା ଦେଖି ଘରେ ତାହାକୁ ପ୍ରସ୍ତୁତ କରୁଛନ୍ତି। ଲକ୍‌ଡାଉନ୍‌ରେ ୟୁଟ୍ୟୁବ୍ ମହିଳାଙ୍କ ରୋଷେଇ ଗୁରୁ ପାଲଟିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଭିନ୍ନ ଭିନ୍ନ ସୁସ୍ୱାଦୁ ଓ କିଛି ନୂଆ ଡିସ୍ ପ୍ରସ୍ତୁତ କରିବା ଶିଖୁଛନ୍ତି। ଏହାଛଡ଼ା ନିତିଦିନିଆ ଖାଦ୍ୟରେ କିଛିଟା ପରିବର୍ତ୍ତନ ଆଣିବାକୁ ମହିଳାମାନେ ଚେଷ୍ଟା କରୁଛନ୍ତି। ୟୁଟ୍ୟୁବ୍‌ରୁ ବର୍ତ୍ତମାନ ଗୃହିଣୀମାନେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ରୋଷେଇ ପାଇଁ ଶିକ୍ଷା ଆହରଣ କରୁଛନ୍ତି। ଫଳରେ ମହିଳାଙ୍କ ମଧ୍ୟରେ ନୂତନ ଖାଦ୍ୟ ତିଆରି କରିବାର ଆଗ୍ରହ ବଢୁଛି। ଭଲ ଭଲ ଖାଇବା ରାନ୍ଧି ସୋସିଆଲ୍ ମିଡିଆ ଓ ହ୍ୱାଟ୍ସଆପ୍ ଷ୍ଟାଟସରେ ଶେୟାର କରାଯାଉଛି। ମହିଳାମାନଙ୍କ ମଧ୍ୟରେ ରୋଷେଇ କରିବାର ପ୍ରତିଯୋଗିତା ମଧ୍ୟ ଦେଖିବାକୁ ମିଳିଛି।

### ସେମାନଙ୍କ ମୁହଁରୁ



“କରୋନା ସଂକ୍ରମଣ ଯୋଗୁ ବାହାରକୁ ଯିବାକୁ ଡର ଲାଗୁଛି। ମୋ ସ୍ୱାମୀ ମଧ୍ୟ ବାହାରକୁ ଯାଉନାହାନ୍ତି। ବିଭିନ୍ନ ଫାଷ୍ଟ ଫୁଡ୍ ପାର୍ସଲ ମଗାଇବାକୁ ଭୟ ଲାଗୁଛି। ୟୁଟ୍ୟୁବ୍ ଦେଖି ପନିରଟିକ୍କା, ଢୋକଲା, ପାସ୍ତା, ଲସି, ଗୁପ୍‌ଚୁପ୍, ଆଳୁ ଲଲିପପ୍ ତିଆରି ପ୍ରଣାଳୀ ଶିଖିଛି। ସେ ସବୁ ତିଆରି କରି ଘରେ ସମସ୍ତଙ୍କୁ ଖାଇବାକୁ ଦେଉଥିବାରୁ ବହୁତ ଖୁସି ଲାଗୁଛି। – ସରୋଜ ଜୈନ



“ସ୍କୁଲ ହଷ୍ଟେଲ ବନ୍ଦ ଥିବାରୁ ପୁଅ ଝିଅ ପରିବାର ସହିତ ସମୟ ବିତାଇବାର ସୁଯୋଗ ମିଳିଛି। ପୁଅ ୟୁଟ୍ୟୁବ୍‌ରୁ ବିଭିନ୍ନ ଖାଦ୍ୟ ତିଆରି ପ୍ରଣାଳୀ ଦେଖି ସାମଗ୍ରୀ ଆଣୁଛି। ୟୁଟ୍ୟୁବ୍ ଦେଖି ହାଇଦ୍ରାବାଦୀ ଚିକେନ ବିରିୟାନୀ, ମଞ୍ଚୁରିୟାନ, ଏଗ୍ କବାବ, ଆଳୁ ଲଲିପପ୍, ଚିକେନ କଟଲେଟ ତିଆରି କରିଛି। – ସୁଲଭା ପାଢ଼ୀ



“ଆମ ଘରେ ମୋ ସ୍ୱାମୀ, ପୁଅ ଝିଅଙ୍କୁ ମିଠା ବହୁତ ପସନ୍ଦ। ହୋଟେଲ ବନ୍ଦ ରହିଥିବାରୁ ୟୁଟ୍ୟୁବ୍ ଦେଖି ରସଗୋଲା, ଛେନାପୋଡ଼, କାକରା, ଫ୍ରୁଟ୍ କଷ୍ଟର୍ଡ଼ ତିଆରି କରିବା ଶିଖିଯାଇଛି। ମୋ ବିବାହ ବାର୍ଷିକୀରେ ମୁଁ ଚକୋଲେଟ କେକ୍ ତିଆରି କରିଥିଲି। –ସମା ବାନୋ



“ଆମ ଘରେ ମୁଁ ସମ୍ପୂର୍ଣ୍ଣ ନିରାମିଷାଶୀ ଖାଦ୍ୟ ପ୍ରସ୍ତୁତ କରେ। ମୋ ସ୍ୱାମୀଙ୍କର ଆମିଷ ପ୍ରତି ଟିକେ ଦୁର୍ବଳତା ରହିଛି। ଏବେ କରୋନା ଯୋଗୁ ବାହାର ହୋଟେଲରୁ ଖାଦ୍ୟ ମଗାଇବା ସମ୍ଭବ ହେଉ ନ ଥିବାରୁ ୟୁଟ୍ୟୁବ୍ ଦେଖି ପରିବାର ପାଇଁ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଜନ ତିଆରି କରିପାରୁଛି। – ଇନ୍ଦୁରେଖା ମେହେର

# କରୋନା ମୁକାବିଲା ନେଇ ଅନ୍‌ଲାଇନ୍ ଆଲୋଚନା

### ରାୟଗଡ଼ା କଲେଜ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ,୧୫।୫

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଶନିବାର ଅନଲାଇନ୍ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨ୟ ଲହରରେ କରୋନା ମୁକାବିଲା ନିମନ୍ତେ ପ୍ରତିକାର ଓ ପ୍ରତିଷେଧକ ବିଷୟରେ ଏଥିରେ ଆଲୋଚନା କରାଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଲକ୍ଷ୍ମୀ ନାରାୟଣ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ କରୋନା ସଂଗ୍ରାମରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଏନ୍‌ଏସ୍‌ଏସ୍‌ର ଜିଲା ସଂଯୋଜିକା ଅର୍ଚ୍ଚନା ପଟ୍ଟନାୟକ ଏବଂ କଲେଜର ଅଧ୍ୟକ୍ଷା ପ୍ରଫେସର ଭି. ଆର୍. ରତ୍ନଶ୍ରୀ ଅଂଶଗ୍ରହଣ କରି କରୋନା ନେଇ ସତର୍କତା ଉପରେ ଆଲୋଚନା କରାଯାଇଥିଲା। ଅନ୍‌ଲାଇନ୍ କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ୍ ଅଫିସର ଅଶୋକ କୁମାର ସାହୁ, ଭାସ୍କର ଗୁପ୍ତା ଏବଂ ଲିଜାରାଣୀ ଶତପଥୀ ପରିଚାଳନା କରିଥିଲେ। ଏଥିରେ ଶତାଧିକ ଏନ୍‌ଏସ୍ ଏସ୍ ସ୍ୱେଚ୍ଛାସେବୀ ଯୋଡ଼ିହୋଇଥିଲେ।


ମହାମାରୀ ବିରୋଧୀ ଯୁଦ୍ଧର ଅସ୍ତ୍ରରେ ପରିଣତ ହୋଇଛି ଜୋଲି ତୁଳସୀ-51 ଡ୍ରପ୍‌ସ




CLINICALLY TESTED

କାଲି ପର୍ଯ୍ୟନ୍ତ ଯାହା ଆମେ କେବଳ ଖବରରେ ଶୁଣୁଥିଲୁ, ତାହା ଏବେ ଆମ ଆଖପାଖରେ ଘଟୁଛି। ଏପରି କ୍ଷେତ୍ରରେ ନିଜ ପରିବାରର ସୁରକ୍ଷାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ କଷ୍ଟକର ପ୍ରତୀତ ହେଉଛି। କିନ୍ତୁ ଏମିତି କିଛି ନାହିଁ, ଏଥିରୁ ରକ୍ଷା ପାଇହେବ।

ବେପରୁଆ ମନୋଭାବ ଆଦୌ ରଖନ୍ତୁ ନାହିଁ ଏବଂ ଲାବ୍ ପ୍ରମାଣିତ ନାଚୁରାଲ୍ ଇମ୍ୟୁନିଟି ବୁଷ୍ଟର୍ ଜୋଲି ତୁଳସୀ 51 ଡ୍ରପ୍‌ସ ସେବନ କରିବା ଜାରି ରଖନ୍ତୁ ଓ ପୂରା ପରିବାରକୁ ଭାଇରାଲ୍ ସଂକ୍ରମଣ ଓ ଋତୁକାଳୀନ ରୋଗର ପ୍ରକୋପରୁ ସୁରକ୍ଷିତ ରଖନ୍ତୁ।

ଆପଣଙ୍କ ପରିବାରର ସୁରକ୍ଷା କବଚ

- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ୍ୟ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ

JOLLY
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ

ଧ୍ୟାନ ଦିଅନ୍ତୁ, ଜୋଲି ତୁଳସୀ 51 ଡ୍ରପ୍‌ସର ଅଭୂତପୂର୍ବ ଲୋକପ୍ରିୟତା କାରଣରୁ ବଜାରରେ ଏକାସଦୃଶ ଅନେକ ପ୍ରଡକ୍ଟ ଆସିଯାଇଛି। ତେଣୁ କିଣିବା ସମୟରେ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ ଓ କିଣନ୍ତୁ।

ସବୁ ମେଡିକାଲ ଷ୍ଟୋରରେ ଉପଲବ୍ଧ। Helpline: 0161-520-1588 Buy Online:www.jollypharmaindia.com

**କୋରାପୁଟ: ୧୯୬ ନୂଆ ପଜିଟିଭ ଚିହ୍ନଟ, ଜଣେ ମୃତ**

କୋରାପୁଟ,(ସ୍ୱ.ପ୍ର.)-କୋରାପୁଟ ଜିଲାରେ ଶନିବାର ୧୯୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କରୋନାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ଜଣେ ୫୦ ବର୍ଷୀୟ ପୁରୁଷ ବୋଲି ଜଣାପଡିଛି। ଏହାକୁ ମିଶାଇ ଜିଲାରେ ମୋଟ ମୃତ୍ୟୁ ସଂଖ୍ୟା ୨୨ରେ ପହଞ୍ଚିଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୦୯୭ରେ ପହଞ୍ଚିଛି। ଶନିବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଜିଲାର ଜୟପୁର ପୌରାଞ୍ଚଳରୁ ସର୍ବାଧିକ ୪୦ ଜଣ ରହିଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୩୬, ସୁନାବେଡ଼ା ପୌରାଞ୍ଚଳରୁ ୧୦ ଓ କୋଟପାଡ ଏନ୍‌ଏସିରୁ ୩ ରହିଛନ୍ତି। ସେହିପରି ଜିଲାର ବୋରିଗୁମ୍ମା ବ୍ଲକରୁ ୯, ବୈପାରିଗୁଡ଼ା ବ୍ଲକରୁ ୨, ଦଶମନ୍ତପୁର ବ୍ଲକରୁ ୮, ଜୟପୁର ବ୍ଲକରୁ ୧୮, କୋରାପୁଟ ବ୍ଲକରୁ ୮, କୁନ୍ଦୁରା ବ୍ଲକରୁ ୬, ଲମତାପୁଟ ବ୍ଲକରୁ ୩, ଲକ୍ଷ୍ମୀପୁର ବ୍ଲକରୁ ୭, ନନ୍ଦପୁର ବ୍ଲକରୁ ୪, ନାରାୟଣପାଟଣା ବ୍ଲକରୁ ୨, ପଟ୍ଟାଙ୍ଗୀ ବ୍ଲକରୁ ୪ ଓ ସେମିଳିଗୁଡ଼ା ବ୍ଲକ ଅଞ୍ଚଳରୁ ୯ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ଅମାନିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ
### ୧୭ ଗାଡ଼ି ଜବତ, ଜରିମାନା ଆଦାୟ

କୋରାପୁଟ,୧୫।୫(ସ୍ୱ.ପ୍ର.)-କୋରାପୁଟ ଜିଲାରେ ପୋଲିସ ପକ୍ଷରୁ ଅମାନିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସେମାନଙ୍କଠାରୁ ଜରିମାନା ଆଦାୟ ହେଉଛି। ଶନିବାର ଏସ୍‌ଡିପିଓ ଗୁଣନିଧି ମଲ୍ଲିକଙ୍କ ନେତୃତ୍ୱରେ ଟାଉନ ଥାନା ଓ ସଦର ଥାନା ପୋଲିସ ପକ୍ଷରୁ ମିଳିତ ଭାବେ କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ପାଳନ ନେଇ ସହରରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଗୁଣ୍ଡିଚା ଛକ, ଶାବର ଶ୍ରୀକ୍ଷେତ୍ର ଛକ, ଟ୍ରାଫିକ ଛକ, ରେଲୱେ ଛକରେ ଚଢ଼ାଉ କରାଯାଇ ଅମାନିଆଙ୍କ ୧୭ଟି ଗାଡ଼ି ଜବତ କରାଯାଇଥିଲା। ସେମାନଙ୍କଠାରୁ ୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ତାରିଣୀ ମନ୍ଦିରର ବାର୍ଷିକୋତ୍ସବ



ଦାମନଯୋଡ଼ି,୧୫।୫(ଡି.ଏନ.ଏ.)-ଭେଜାପୁଟସ୍ଥିତ ମହାଦେବଙ୍କ ମନ୍ଦିର ପରିସରରେ ଥିବା ମା' ତାରିଣୀ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମା'ଙ୍କୁ ମାର୍ଜନା ସ୍ନାନ କରାଯାଇ ପଞ୍ଚୋପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ସପ୍ତଶତୀ ଚଣ୍ଡିପାଠ, ମହାମାୟା ଆହୂତି ଓ ଆରତି ହୋଇଥିଲା। କୋଭିଡ୍ କଟକଣା ପାଇଁ କେବଳ ପୂଜକ ମାନସ କୁମାର ଦାଶ ଓ କର୍ତ୍ତା କୈଳାସ ଚନ୍ଦ୍ର ମାହନ୍ତ ଓ ଲକ୍ଷ୍ମୀପ୍ରିୟା ମାହନ୍ତଙ୍କୁ ନେଇ ନୀତି ସମ୍ପନ୍ନ ହୋଇଥିଲା।

### କରୋନା ସଂକ୍ରମଣ ରୋକିବାକୁ ବୈଠକ

ଦଶମନ୍ତପୁର,୧୫।୫( ଡ଼ି.ଏନ.ଏ )
କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ କରୋନା ନିୟନ୍ତ୍ରଣ ନେଇ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଡ଼ିଓ ଡ଼ମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ତହସିଲଦାର ଅଜୟ ପ୍ରକାଶ ତିର୍କି, ଥାନା ଅଧିକାରୀ ବିଜୟରାଜ ମାଝି, ବିଧାୟକ ପ୍ରତିନିଧି ତଥା ବ୍ଲକ ଉପାଧ୍ୟକ୍ଷ ନାରାୟଣ ବିଶୋୟୀ, ଅଗ୍ରଗାମୀର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକ, ଓଏଲଏମ୍‌ର ଅଧିକାରୀ ନଟ୍ଟବର ସ୍ୱାଇଁ, ପ୍ରତାପ ଖୋସ୍ଲା, ବିପିଓଶ୍ରୀକାନ୍ତ ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କୋଭିଡର ସ୍ଥିତି ଓ ନିୟନ୍ତ୍ରଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। କରୋନା ନିୟନ୍ତ୍ରଣ ପାଇଁ ସମସ୍ତଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ବିଡିଓ କହିଛନ୍ତି। ବ୍ଲକକୁ ବାହାରୁ ଆସୁଥିବା ପ୍ରବାସୀଙ୍କୁ ଥଇଥାନ ପାଇଁ ୨ଟି କ୍ୱାରାଣ୍ଟାଇନ ସେଣ୍ଟର ବ୍ଲକ ସଦର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ପୋଡ଼ାଗଡ଼ ପଞ୍ଚାୟତର କନ୍ୟାଶ୍ରମରେ ହୋଇଛି। କୋଭିଡ ଟିକା ନେଇଥିବା ପ୍ରବାସୀଙ୍କୁ ୭ ଦିନ ଏବଂ ଟିକା ନେଇ ନ ଥିବା ପ୍ରବାସୀଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରଖାଯିବ ବୋଲି ବୈଠକରେ ବିଡିଓ ମଲ୍ଲିକ କହିଥିଲେ। ସକାଳ ୬ରୁ ୧୨ଟାଯାଏ ସହରରେ ଗହଳି ବଢୁଥିବାରୁ ଏହାକୁ ରୋକିବା ପାଇଁ ଡୁମ୍ବାଗୁଡ଼ା, ଗିଲିଗୁମ୍ମା ଓ କାଶିପୁର ରାସ୍ତାକୁ ସଂଯୋଗ କରୁଥିବା ଛକ, ଥାନା ସମ୍ମୁଖ ଓ କଲେଜ ରାସ୍ତା ଛକରେ ୨ଟି ଛକ ଚେକ ପୋଷ୍ଟ କରିବାକୁ ଆଲୋଚନା ହୋଇଥିଲା।

# ରଥକାମ ଆରମ୍ଭ, ଅଖିମୁଠି ଅନୁକୂଳ

କୋରାପୁଟ/ଦାମନଯୋଡି, ୧୫।୫(ସ୍ୱ.ପ୍ର.)

ପବିତ୍ର ଅକ୍ଷୟ ତୃତୀୟା କୋରାପୁଟ ଜିଲାରେ ଶନିବାର ପାଳିତ ହୋଇଛି। ଏହି ଅବସରରେ ପ୍ରଗତି ପକ୍ଷରୁ କୋରାପୁଟ ଜିଲାର ୬ଟି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରାଯାଇ ଅଖିମୁଠି ଅନୁକୂଳ କରାଯାଇଛି। ଜିଲାର କୋଟପାଡ, ବୋରିଗୁମ୍ମା, ଜୟପୁର, କୋରାପୁଟ, ନନ୍ଦପୁର ଓ ଲମତାପୁଟ ଆଦି ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀମାନେ ଏକାଠି ହୋଇ କୋଭିଡ୍ ନିୟମ ଅନୁସାରେ ଅଖିମୁଠି ଅନୁକୂଳ କରିଥିଲେ । ଏହି ଅବସରରେ ପ୍ରଗତି ଦ୍ୱାରା ଜିଲାର ୬ଟି କୃଷକ ଉତ୍ପାଦକ କମ୍ପାନୀ ସାମିଲ ହୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଗତିର କାର୍ଯ୍ୟକ୍ରମ ଅଧିକାରୀ ଓ ଗୋଷ୍ଠୀ ସାଧନ କର୍ମୀମାନେ କୃଷକମାନଙ୍କୁ ଶ୍ରୀ ପ୍ରଣାଳୀରେ ଧାନ ଓ ମାଣ୍ଡିଆଚାଷ, ଜୈବିକ କୃଷି ଓ ଅଧା ଏକର ଆଦର୍ଶ କୃଷି ସମ୍ପର୍କରେ ବୁଝାଇଥିଲେ । ଚଳିତ ବର୍ଷ ଠିକ୍ ସମୟରେ ମୌସୁମୀ ଆସିବା ସୂଚନା ରହିଥିବାରୁ କୃଷି କାର୍ଯ୍ୟ ଆରମ୍ଭ ହୋଇପାରିବ ଓ ଏନେଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ ପାଇଁ ଗୁଣାତ୍ମକ ବିହନ, ଦେଶୀ ବିହନ ଓ ଜୈବିକ କୃଷିର ପ୍ରସାର ଉପରେ ଚାଷୀମାନେ ମତ ଦେଇଥିଲେ । କୃଷକ ଉତ୍ପାଦକ କମ୍ପାନୀଗୁଡିକ ଚାଷୀମାନଙ୍କୁ ଠିକ୍ ସମୟରେ ବିହନ ଯୋଗାଇବା, କୃଷି ସମ୍ପର୍କିତ ସୂଚନା ଦେବା, କୃଷି ସାମଗ୍ରୀର ମୂଲ୍ୟାୟନ ଓ ବିକ୍ରି ନେଇ ସହଯୋଗ କରିବେ ବୋଲି କୃଷକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ମହିଳା ଚାଷୀମାନେ ଅଖିମୁଠି ଅନୁକୂଳ କରୁଛନ୍ତି ।

**ଗୁଣାତ୍ମକ, ଦେଶୀ ବିହନ ସହ ଜୈବିକ କୃଷିର ପ୍ରସାର ଉପରେ ଚାଷୀଙ୍କ ଗୁରୁତ୍ୱ**

ଦାମନଯୋଡିରେ ଶନିବାର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। କୋଭିଡ୍ କଟକଣା ଯୋଗୁ ଚଳିତବର୍ଷ ବିନା ଭକ୍ତରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ଅକ୍ଷୟ ତୃତୀୟା ନୀତି ସମ୍ପନ୍ନ ହୋଇଛି। ସକାଳେ ଶ୍ରୀଜୀଉଙ୍କ ପୂଜାନୀତି ପରେ ରଥକାଠ ଅନୁକୂଳ ନୀତି ହୋଇଥିଲା। ସନ୍ଧ୍ୟାରେ ମଦନ ମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ଚାପଖେଳ ହୋଇଥିଲା। ପୂଜକ ଅଜୟ କୁମାର ପଣ୍ଡା, ନିଳାଞ୍ଚଳ ମହାପାତ୍ର, ପ୍ରଭାତ ରଥ ଓ ଅମୀୟ କୁମାର ସାମନ୍ତରାୟ ଠାକୁରଙ୍କୁ ଶ୍ରୀମନ୍ଦିରରୁ ନରେନ୍ଦ୍ର ପୁଷ୍କରଣୀକୁ ବିଜେ କରାଇଥିଲେ। ବିନା ଭକ୍ତରେ ମାସ୍କ ପିନ୍ଧି ସାମାଜିକ ଦୂରତା ଅବଲମ୍ବନ କରାଯାଇ ଏହି ନୀତି ହୋଇଥିଲା।

### ଶାବର ଶ୍ରୀକ୍ଷେତ୍ରରେ ରଥକାଠ ଅନୁକୂଳ

କୋରାପୁଟ/ଦାମନଯୋଡି, ୧୫।୫(ସ୍ୱ.ପ୍ର.)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୋଭିଡ କଟକଣା ମଧ୍ୟରେ ଶନିବାର କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ରଥକାଠ ଅନୁକୂଳ ହୋଇଛି। ଶ୍ରୀ ଜୀଉଙ୍କ ଚନ୍ଦନଯାତ୍ରା ନୀତି ମଧ୍ୟ ସମ୍ପନ୍ନ ହୋଇଛି। ଏହି ଚନ୍ଦନଯାତ୍ରା ୨୧ ଦିନ ଧରି ଚାଲିବ। ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିସରରେ ହୋମ ଯଜ୍ଞ ସହ ପାରମ୍ପରିକ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ହୋଇଥିଲା। ମନ୍ଦିର ପୂଜକ ରଘୁନାଥ ଶତପଥୀ, ଦୀପକ ମିଶ୍ର, ସି.ମିଶ୍ର, ସହିତ ଚଳିତବର୍ଷ ରଥ ନିର୍ମାଣ କାରିଗର ସନ୍ୟାସୀ ମହାରଣା ଉପସ୍ଥିତ ରହି ରଥକାଠ ପୂଜା କରି ଅନୁକୂଳ କରିଥିଲେ। ମନ୍ଦିର ପରିସରରେ ଶ୍ରୀ ଜୀଉଙ୍କର ଚନ୍ଦନ ଯାତ୍ରା ମଧ୍ୟ ହୋଇଥିବା ମନ୍ଦିର ପରିଚାଳନା କମିଟି ସମ୍ପାଦକ ଗଦାଧର ପରିଡା କହିଛନ୍ତି। ଏହି ସମୟରେ ନିଳାଦ୍ରୀ ପଟ୍ଟନାୟକ, ଜଗବନ୍ଧୁ ସାମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାପାଙ୍କ ମୃତ୍ୟୁ ପରେ ୨ ପୁଅଙ୍କ ତୁମୁଳକାଣ୍ଡ

ନବରଙ୍ଗପୁର, ୧୫।୫(ବି.ପ୍ର.)

**କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଟେବୁଲ ଚେୟାର ଭଙ୍ଗାରୁଜା**



ଜିଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ନବରଙ୍ଗପୁର ଗାଦବାଗୁଡା ଅଞ୍ଚଳର ଶେଖ୍ ହୁସେନ ଶନିବାର ସନ୍ଧ୍ୟାରେ ମୃତ୍ୟୁ ହୋଇଯାଇଥିଲା। ଏହାପରେ ତାଙ୍କର ୨ପୁଅ ଡାକ୍ତରଖାନା ଓପିଡିରେ ଥିବା ଚେୟାର ଟେବୁଲ ଭଙ୍ଗାରୁଜା କରିଥିଲେ। ଖବରପାଇ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ଶେଖ୍ ହୁସେନଙ୍କର ଶୁକ୍ରବାର ଅକ୍ସିଜେନସ୍ତର କମିଯାଇଥିଲା। ତାଙ୍କୁ ନବରଙ୍ଗପୁରସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ତାଙ୍କର ୨ ନାବାଳକ ପୁଅ କୋଭିଡ୍ ଡାକ୍ତରଖାନାରେ ପହଞ୍ଚି ଓପିଡିରେ ଥିବା ଟେବୁଲ ଚେୟାର ଆଦି ଭଙ୍ଗାରୁଜା କରିଥିଲେ। ଏଥିସହ ଶବବାହକ ଗାଡିର କାଚ ମଧ୍ୟ ଭାଙ୍ଗି ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଥାନାକୁ ଆଣି ପଚରା ଉଚରା କରି ଛାଡି ଦେଇଥିବା ସୂଚନା ମିଳିଛି। ଖବରପାଇ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମକାନ୍ତ ନାୟକ , ସିଡିଏମଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଉପଜିଲାପାଳ ଭାସ୍କର ରଇତ, ତହସିଲଦାର ରବୀନ୍ଦ୍ର ରାଉତ, ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ ପ୍ରମୁଖ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

# ସ୍ୱାମୀ ଘର ଆଗରେ ପ୍ରଥମ ସ୍ତ୍ରୀଙ୍କ ଧାରଣା

ରାୟଗଡ଼ା ଅଫିସ,୧୫।୫

ଫେସ୍‌ବୁକରେ ପ୍ରେମ ଓ ବିବାହ ପରେ ପ୍ରତାରଣା ଅଭିଯୋଗ ଆଣିଛନ୍ତି ସ୍ତ୍ରୀ। ସ୍ୱାମୀଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରି ନ୍ୟାୟ ଦାବିରେ ସ୍ୱାମୀଘର ଆଗରେ ଧାରଣାରେ ବସିଛନ୍ତି। ରାୟଗଡ଼ା ଜିଲା ଜେକେପୁର ଅଞ୍ଚଳରୁ ଆସିଛି ଏପରି ଖବର।

ସୂଚନା ଅନୁଯାୟୀ, ଜେକେପୁର ଅଞ୍ଚଳର ସଞ୍ଜୀବ ବେହେରା ବାଲେଶ୍ୱର ଜିଲା ବାଲିଆପାଳର ରଶ୍ମିବାଳା ପାତ୍ରଙ୍କୁ ଫେସବୁକ୍‌ରେ ପ୍ରେମକରି ଭୁବନେଶ୍ୱର ରାମ ମନ୍ଦିରରେ ବିବାହ କରିଥିଲେ। ୨୦୨୦ ପର୍ଯ୍ୟନ୍ତ ଦୁହେଁ ଘରଭଡ଼ା ନେଇ ସେଠାରେ ରହୁଥିଲେ। ଏହାପରେ ରଶ୍ମିବାଳା ସଞ୍ଜୀବଙ୍କ ଘରକୁ ଯିବାପାଇଁ ଜିଦ୍ ଧରିଥିଲେ ମଧ୍ୟ ସେ ତାଙ୍କୁ ନେବାକୁ ଚାହିଁ ନ ଥିଲେ। ଏହାକୁ ନେଇ ସଞ୍ଜୀବ ରଶ୍ମିଙ୍କୁ ନିର୍ଯାତନା ଦେଉଥିଲେ। ୨୦୨୧ ଏପ୍ରିଲ ୨୦ ରେ ସଞ୍ଜୀବ ପରିବାର ଲୋକଙ୍କ ଉପସ୍ଥିତିରେ ପୁଣି ବିବାହ କରିବାକୁ ଚାହୁଁଥିବା କହି ରଶ୍ମିବାଳାଙ୍କୁ ଜେକେପୁରକୁ ନେଇଥିଲେ। ହେଲେ ତାଙ୍କୁ ଘରକୁ ନ ନେଇ ହୋଟେଲରେ ରଖି କିଛିଦିନ ପରେ ତାଙ୍କୁ ଭୁବନେଶ୍ୱର ପଠାଇ ଦେଇଥିଲେ। କିନ୍ତୁ ମେ ୭ ରେ ସଞ୍ଜୀବ କନ୍ଧମାଳ ଜିଲାର ଅନ୍ୟଜଣେ ଝିଅଙ୍କୁ ଦ୍ୱିତୀୟ ବିବାହ କରିଥିବା ଜାଣିବାକୁ ପାଇ ରଶ୍ମି ସଞ୍ଜୀବଙ୍କ ଘରକୁ ଯାଇଥିଲେ। ସେଠାରେ ଆଲୋଚନା ପରେ ସମାଧାନର ବାଟ ନ ବାହାରିବାରୁ ଶୁକ୍ରବାର ସେ ରାୟଗଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆପୋଷ ସମାଧାନର ଉଦ୍ୟମ କରିଥିଲା। ଜଣେ ଓକିଲଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଏଥିରୁ କୌଣସି ସୁଫଳ ନ ମିଳିବାରୁ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ନ୍ୟାୟ ଦାବିରେ ରଶ୍ମିବାଳା ସଞ୍ଜୀବଙ୍କ ଘର ଆଗରେ ଧାରଣାରେ ବସିଛନ୍ତି।

# ସୋମବାରଠାରୁ ଅସହାୟଙ୍କୁ ରନ୍ଧାଖାଦ୍ୟ

କୋରାପୁଟ,୧୫।୫(ସ୍ୱ.ପ୍ର)

କରୋନା ଯୋଗୁ ରାଜ୍ୟରେ ଲକ୍‌ଡାଉନ ଜାରି ହୋଇଛି। ଏଥିଯୋଗୁ ଦୋକାନ ବଜାର, ଗାଡିମୋଟର ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ଅନେକ ନିଜ ଜିବିକା ହରାଇଛନ୍ତି। ବେଶୀ ପ୍ରଭାବିତ ହୋଇଛନ୍ତି ଗରିବ ଲୋକେ। ଶନିବାର କୋରାପୁଟ ସହରରେ ଫୋପଡା ଯାଇଥିବା ଖାଦ୍ୟକୁ ଜଣେ ବ୍ୟକ୍ତି ଖାଇବା ପାଇଁ ସଂଗ୍ରହ କରିବା ପରି କରୁଣ ଦୃଶ୍ୟ ଦେଖିବାକୁ ମିଳିଛି । ସ୍ଥାନୀୟ ସତ୍ୟସାଇ ମନ୍ଦିର ସମ୍ମୁଖରେ ଫୋପଡାଯାଇଥିବା ଖାଦ୍ୟକୁ ଏହି ବ୍ୟକ୍ତି ଜଣକ ବାଛିବାଛି ଖାଉଥିବା ଦେଖିବାକୁ ମିଳିଥିଲା। ପେଟର ଭୋକ ସହି ନ ପାରି ସେ ଫୋପଡା ଖାଦ୍ୟ ସାଉଁଟି ଖାଇବା ଗରିବ ଲୋକଙ୍କ ଅସହାୟତାକୁ ସ୍ପଷ୍ଟ କରୁଛି।

ଗତବର୍ଷ କରୋନାର ପ୍ରଥମ ଲହର ସମୟରେ କୋରାପୁଟ ଜିଲାର ସମସ୍ତ ଅସହାୟ ବ୍ୟକ୍ତିମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପ୍ରଦାନ କରାଯାଉଥିଲା। ମାତ୍ର ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଅସହାୟ ବ୍ୟକ୍ତି, ଭିକାରୀମାନଙ୍କୁ ଖାଦ୍ୟ ପ୍ରଦାନ ନେଇ ଘୋଷଣା କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଜିଲା ପ୍ରଶାସନ କୋରାପୁଟ ସହରରେ ଏହାକୁ କାର୍ଯ୍ୟକାରୀ କରିନି। ଜିଲା ପ୍ରଶାସନ ତୁରନ୍ତ ସହରରେ ଥିବା ଅସହାୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇବାକୁ ସାଧାରଣରେ ଦାବି ହେଉଛି । ଏନେଇ ଜିଲା ଜରୁରୀ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସୋମବାରଠାରୁ ସହରର ଅସହାୟ ବ୍ୟକ୍ତିମାନଙ୍କୁ ଖାଦ୍ୟ ପ୍ରଦାନ ବ୍ୟବସ୍ଥା ଆରମ୍ଭ ହେବ ବୋଲି କହିଛନ୍ତି।



ଫୋପଡାଯାଇଥିବା ଖାଦ୍ୟକୁ ଜଣେ ବ୍ୟକ୍ତି ସଂଗ୍ରହ କରି ଖାଉଛନ୍ତି।

### ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଉଛନ୍ତି ଯୁବକ

କୋରୁକୋଣ୍ଡା ୧୫।୫(ଡି.ଏନ.ଏ)

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ଏମ୍‌ଭି-୧୦ ଗ୍ରାମରେ ଜଣେ ନାବାଳିକା (୧୪)ଙ୍କ ସହ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖି ଏହାର ଭିଡିଓ ଉତ୍ତୋଳନ କରି ଜଣେ ଯୁବକ ତାଙ୍କୁ ବ୍ଲାକମେଲିଂ କରୁଥିବା ଅଭିଯୋଗ ହୋଇଛି। ଯୁବକ ଜଣକ ହେଉଛନ୍ତି ଉକ୍ତ ଗ୍ରାମର ରଜନୀ ରାୟ। ଭିଡିଓ ଉତ୍ତୋଳନ ପରେ ଏନେଇ କାହାକୁ କହିଲେ ଏହାକୁ ଭାଇରାଲ କରିଦେବେ ବୋଲି ସେ ସମ୍ପୃକ୍ତ ନାବାଳିକାଙ୍କୁ ଧମକଚମକ ଦେଇଥିଲେ। ଫଳରେ ନାବାଳିକା ଜଣକ କାହାକୁ କିଛି କହି ନ ଥିଲେ। ଏହା ପରେ ମଧ୍ୟ ଯୁବକ ଜଣକ ନାବାଳିକାଙ୍କୁ ଜୋର କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଏହା ଅସହ୍ୟ ହେବାରୁ ନାବାଳିକା ପରିବାର ଲୋକଙ୍କୁ ସବୁକଥା କଥା କହିଥିଲେ। ପରେ ଗତ ୩ରେ ପରିବାର ଲୋକେ ମାଲକାନଗିରି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ମାଲକାନଗିରି ପୋଲିସ ଏହାର ତଦନ୍ତ ଆରମ୍ଭ କରଛି। ସମ୍ପୃକ୍ତ ଯୁବକ ଜଣକ ଫେରାର ହୋଇଯାଇଥିବାରୁ ଗିରଫ କରାଯାଇନାହିଁ ବୋଲି ଥାନା ଅଧିକାରୀ ରାମ ପ୍ରସାଦ ନାଗ କହିଛନ୍ତି ।

### ଅର୍ଥ ଆଦାୟ ମିଛ, ଡ୍ରାଇଭରମାନଙ୍କୁ ପଚରାଉଚରା କରୁଥିଲି

ମାଲକାନଗିରି,୧୫।୫(ଡି.ଏନ୍.ଏ.)

**ତହସିଲଦାର ପରିଚୟ ଦେଇ ଅର୍ଥ ଆଦାୟ ଘଟଣା**

ମାଲକାନଗିରି ଜିଲା ଖଇରପୁଟର ଜଣେ ଯୁବନେତା ଚିତ୍ତ ପଟ୍ଟନାୟକଙ୍କ ନାମରେ ମାଥିଲି ଥାନାରେ ହୋଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। କେତେଜଣ ବାଲିମାଫିଆ ସରକାରଙ୍କୁ ରାଜସ୍ୱ ଫାଙ୍କି ବାଲି ଚୋରା ଚାଲାଣ କରୁଥିବା ବେଳେ ସେ ଡ୍ରାଇଭରମାନଙ୍କୁ ଅଟକାଇ ପଚରାଉଚରା କରୁଥିଲେ। ମାତ୍ର କେତେଜଣ ବ୍ୟକ୍ତି ତାଙ୍କୁ ବଦନାମ କରିବା ପାଇଁ ତହସିଲଦାର ସାଜି ଅର୍ଥ ନେଉଥିବା ଅଭିଯୋଗ କରିଥିଲେ। ଏନେଇ ତାଙ୍କ ନାମରେ ଥାନାରେ ଅଭିଯୋଗ ହେବାରୁ ୭୫/୨ରେ ମାମଲା ହୋଇଛି। ତାଙ୍କର ଲୋକପ୍ରିୟତାକୁ ବଦନାମ କରିବା ଲାଗି ଏପରି କରାଯାଇଛି ବୋଲି ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୧ ତାରିଖ ଧରିତ୍ରୀରେ ଏହି ଖବର ପ୍ରକାଶ ପାଇଥିଲା। ସେତେବେଳେ ପଟ୍ଟନାୟକଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ମତାମତ ମିଳିପାରି ନ ଥିଲା।

# କେନାଲ ତଳିଆ ବାସିନ୍ଦାଙ୍କୁ ବିପଦ

ମାଲକାନଗିରି,୧୫।୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସତୀଗୁଡା ମଧ୍ୟମ ଜଳସେଚନ ବିଭାଗର ବାମପାର୍ଶ୍ୱ କେନାଲ ମାଲକାନଗିରି ପୌର ପରିଷଦ ଦେଇ ଜଳ ଚାଷୀଙ୍କ ଜମିକୁ ପ୍ରବାହିତ ହେଉଛି। ଝାଟିମାଟି କଲୋନିଠାରୁ ରିକ୍ଲାମେଶନ କଲୋନି ଦେଇ ଏହି କେନାଲ ଏମ୍‌ଭି-୨ ଗ୍ରାମକୁ ଯାଇଛି। ବର୍ତ୍ତମାନ କେନାଲରେ ଜଳ ଛଡାଯାଇଥିବାରୁ କେନାଲର ଉଭୟ ପାର୍ଶ୍ୱ ହୁଡା କେତେକ ସ୍ଥାନରେ ବୁଡି କେନାଲ ତଳ ଅଞ୍ଚଳରେ ଥିବା ଦୈନିକ ମାଛ ବଜାର ଏବଂ ବସ୍ତି ଭିତରକୁ ଜଳ ପ୍ରବେଶ କରୁଛି। ଏହି କେନାଲ ଦଳ ଓ ଅନାବନା ଭରପୂର ହୋଇଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ଏପରି ଅବସ୍ଥା ସୃଷ୍ଟି ହୋଇଛି। ତୁରନ୍ତ କେନାଲ ସଫା କରିବା ସହ ହୁଡା ଉଚ୍ଚତା ବଢାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସତୀଗୁଡା ଜଳସେଚନ ବିଭାଗ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**ଦଳ, ଅନାବନା ଗଛରେ ଭରପୂର ହୋଇ ରହିଛି କେନାଲ**



ନିଷ୍କାସନ ହୋଇ ନ ପାରି ତଳିଆ ଅଞ୍ଚଳରେ ପଶିଥିବା କେନାଲ ପାଣି।

### ଅମାନିଆଙ୍କଠାରୁ ୧୫ ହଜାର ଜରିମାନା ଆଦାୟ

ସେମିଳିଗୁଡା, ୧୫।୫ (ସ୍ୱ.ପ୍ର)

କରୋନା ସଂକ୍ରମଣର ଦ୍ୱିତୀୟ ଲହରର କଟକଣାକୁ ଅମାନିଆମାନେ ମାନୁ ନ ଥିବାରୁ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ପୋଲିସ ପକ୍ଷରୁ ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ ହେଉଛି। ସେହିପରି ଶନିବାର ସେମିଳିଗୁଡା ଥାନା ଅଧିକାରୀ କ୍ଷୀରେଶ୍ୱର ସାହ,ଏଏସଆଇ କେଦାରନାଥ ସମେତ ଅଧିକାରୀ ମାନେ ସେମିଳିଗୁଡା ଟ୍ରାଫିକ ଛକଠାରେ ଧରପଗଡ କରି କଟକଣାକୁ ମାନୁ ନ ଥିବା ଅମାନିଆଙ୍କଠାରୁ ପ୍ରାୟ ୧୫ ହଜାର ଟଙ୍କ ଜରିମାନା ଆଦାୟ କରଛନ୍ତି। ଲକଡାଉନ ଓ ଶଟଡାଉନ ନିୟମ ମାନି ଘରେ ରହିବାକୁ ପରାମର୍ଶ ଦେଇଛନ୍ତି। ନ ମାନିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ବୋଲି ଚେତାବନୀ ଦେଇଛନ୍ତି।

### ଚିତ୍ରକୋଣ୍ଡାରେ ବିଦ୍ୟୁତ୍ ବିଭ୍ରାଟ, ଲୋକେ ହନ୍ତସନ୍ତ

ଚିତ୍ରକୋଣ୍ଡା,୧୫।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ଗତ କିଛି ଦିନ ଧରି ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଲୋକେ ଗୁଳୁଗୁଳିରେ ହଇରାଣ ହେଉଛନ୍ତି। କରୋନା କଟକଣା ପାଇଁ ପ୍ରଶାସନ ଲକ୍‌ଡାଉନ ଘୋଷଣା କରିଥିବା ଜନସାଧାରଣଙ୍କୁ ବାହାରକୁ ଯିବା ମନା। ଏପରି ସ୍ଥଳେ ବିଦ୍ୟୁତ୍ କାଟ୍ ସମସ୍ୟାକୁ ବଢାଇ ଦେଇଛି। ଏଥିଯୋଗୁ ସରକାରୀ କାମ, ବ୍ୟାଙ୍କ କାମ ବାଧାପ୍ରାପ୍ତ ହେଉଛି। ଏନେଇ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଚିତ୍ରକୋଣ୍ଡା ବିଦ୍ୟୁତ୍ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, ଚିତ୍ରକୋଣ୍ଡା ଟ୍ରାନ୍ସଫର୍ମରଟି ପୋଡ଼ିଯାଇଛି। କାମ ଚଳାଇବା ପାଇଁ ଅନ୍ୟ ଟ୍ରାନ୍ସଫର୍ମରୁ ବିଦ୍ୟୁତ୍ ଯୋଗାଣ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ପ୍ରମୋଦ ନାୟକଙ୍କୁ ପଚାରିବାରୁ ସେ ସମାନ କଥା କହିଥିଲେ। ଚିତ୍ରକୋଣ୍ଡା ପାଇଁ ଅନ୍ୟ ଏକ ଟ୍ରାନ୍ସଫର୍ମର ଯୋଗାଇ ଦେବାକୁ ଅର୍ଡର ଦେଇଛୁ। ଏପର୍ଯ୍ୟନ୍ତ ତାହା ଆମ ପାଖରେ ପହଞ୍ଚିନାହିଁ। ଏ ନେଇ ମଧ୍ୟ ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଆମେ ଜଣାଉଛୁ। ନୂଆ ଟ୍ରାନ୍ସଫର୍ମର ଆସିଲେ ସମସ୍ୟା ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।

# କୋଭିଡ୍ ସ୍ଥିତିର ସମୀକ୍ଷା କଲେ ବିଡିଓ

କୁନ୍ଦୁରା,୧୫।୫(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବିଡିଓ ସ୍ନେହପ୍ରଭା ମାଝୀଙ୍କ ତତ୍ତ୍ୱାବଧାନରେ ବ୍ଲକରେ ଚାଲିଥିବା କରୋନା ମହାମାରୀର ମୁକାବିଲା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଆୟୁବ ମଣ୍ଡଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭ୍ରପ୍ରସାଦ ସାହୁ, ଥାନାଧିକାରୀ ଶେଷଦେବ ବେହେରା, ଶିଶୁ ବିକାଶ ଯୋଜନା ଅଧିକାରୀ ଆରତି ମହାପାତ୍ର, ସେଚ୍ଛାସେବୀ ସଙ୍ଗଠନ ସ୍ୱାମୀନାଥନରକର୍ମକର୍ତ୍ତା, ବ୍ୟବସାୟୀ ସଂଘ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । କୁନ୍ଦୁରା ବ୍ଲକରେ ରହିଥିବା କରୋନାଜନିତ ସମସ୍ୟା ଏବଂ ଏହାର ସମାଧାନ ନେଇ ବିଡିଓ ମାଝୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଗତବର୍ଷ ତୁଳନାରେ ଚଳିତବର୍ଷ କରୋନା ସଂକ୍ରମଣ ଦ୍ରୁତ ଗତିରେ କାୟାବିସ୍ତାର କରୁଛି। ଜନସାଧାରଣଙ୍କ ସଚେତନ ରହିଥିବା ନେଇ ବ୍ୟବସାୟୀ ସଂଘର ସୁବାଷ ଚୌଧୁରୀ ଏବଂ ବୃନ୍ଦାବନ ପାତ୍ର କହିଥିଲେ। ଗତବର୍ଷ ଯେ କୌଣସି ବ୍ୟକ୍ତି କରୋନା ସଂକ୍ରମିତ ହେଲେ ସାହି ପଡୋଶୀ ଜାଣି ପାରୁଥିଲେ। ମାତ୍ର ଚଳିତବର୍ଷ ସେ ସବୁ କିଛି ଜଣାପଡୁ ନ ଥିବାରୁ ଲୋକେ ସଚେତନ ହେବା ପୂର୍ବରୁ ସଂକ୍ରମିତ ହେଉଥିବା ବ୍ୟବସାୟୀ ସଂଘ ବିଡିଓଙ୍କୁ କହିଥିଲେ। କୁନ୍ଦୁରା ବ୍ଲକର ଗ୍ରାମାଞ୍ଚଳ ଗୁଡିକରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜରମାନେ ନିଜ କାର୍ଯ୍ୟସ୍ଥଳରେ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବାକୁ ବୈଠକରେ କେତେକ ପ୍ରସ୍ତାବ ଦେଇଥିଲେ। ସେହିଭଳି ହିତାଧିକାରୀଙ୍କୁ ବଣ୍ଟନ କରାଯାଉଥିବା ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଅନଲାଇନ୍ ବଦଳରେ ଅଫ୍‌ଲାଇନ୍‌ରେ ବଣ୍ଟନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ସେ ଏ ବିଷୟରେ ଜିଲାପାଳଙ୍କ ସହ କଥା ହେବେ ବୋଲି ପ୍ରକାଶ କରିଥିଲେ।





ଅନ୍‌ଲାଇନ ମାଧ୍ୟମରେ ଚାଲିଥିବା ବୈଠକ।

**ସଚେତନ ପୂର୍ବରୁ ଲୋକେ ସଂକ୍ରମିତ ହେଉଛନ୍ତି:ବ୍ୟବସାୟୀ ସଂଘ**

# ସଙ୍ଗରୋଧରେ ରହୁଥିବା ନାଗରିକଙ୍କୁ ସେବା ଯୋଗାଉଛି ସିଙ୍ଗଲ ଲିଭିଂ ପ୍ୟାରେଣ୍ଟସ

ଜୟପୁର,୧୫।୫ (ନି.ପ୍ର.)

ଦିନକୁ ଦିନ କାୟବିସ୍ତାର କରି ଚାଲିଛି କରୋନା। ସହରାଞ୍ଚଳଠାରୁ ଆରମ୍ଭକରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ବଢୁଛି ସଂକ୍ରମିତଙ୍କ ସଂଖ୍ୟା। ଏହାକୁ ନେଇ ସରକାର ଯେତିକି ଚିନ୍ତିତ ଲୋକେ ବି ସେତିକି ଭୟଭୀତ। କୋରାପୁଟ ଜିଲା ଜୟପୁର ସହରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ସାତଦିନ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨ଶହ ପାର ହେଲାଣି। କରୋନା କାଳରେ କେଉଁଠି ଲୋକଙ୍କୁ ଚିକିତ୍ସା ମିଳୁନି ତ ଆଉ କେଉଁଠି ମୃତଦେହକୁ ସମ୍ମାନ ମିଳିନାହିଁ। ଏହି ସମୟରେ ସହରରେ କରୋନା ସଂକ୍ରମିତଙ୍କୁ ସେବା ଯୋଗାଇଦେବାକୁ ଆଗେଇ ଆସିଛି ସ୍ୱେଚ୍ଛାସେବୀ ସଙ୍ଗଠନ ସିଙ୍ଗଲ ଲିଭିଂ ପ୍ୟାରେଣ୍ଟସ। ସଙ୍ଗଠନର ନିଶାନ ପଟ୍ଟନାୟକ, ପବିତ୍ର ମୋହନ ପାତ୍ର, କାର୍ତ୍ତିକ ରାଉତ, ପ୍ରବୀଣ କୁମାର, ପୀୟୂଷ ପଟ୍ଟନାୟକ, ରାହୁଲ ସାହୁ, ନାରାୟଣ ରାଓ, ସତ୍ୟପ୍ରକାଶ ହୋତା, ନିତ୍ୟାନନ୍ଦ ସ୍ୱାଇଁ , ରୋହିତ କୁମାର ପ୍ରମୁଖ ଏକ ହ୍ୱାଟ୍ସଅପ୍ ଗ୍ରୁପ୍ ଖୋଲି କେତେକ ଫୋନ ନମ୍ବର ଦେଇଛନ୍ତି। ଫୋନ କଲ୍ ପାଇବା ମାତ୍ରେ ଏହି ସଦସ୍ୟମାନେ ବାହାରି ପଡନ୍ତି ସେବା ଯୋଗାଇବାକୁ। କରୋନା ସଂକ୍ରମିତ ବ୍ୟକ୍ତିଙ୍କୁ ୧୪ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବା ବାଧ୍ୟତାମୂଳକ କରିଛି ପ୍ରଶାସନ। ଫଳରେ ସହରରେ ଅନେକ ବରିଷ୍ଠ ନାଗରିକ ଏକା ରହୁଛନ୍ତି। ସେମାନେ ଆବଶ୍ୟକ ମୁତାବକ ସାମଗ୍ରୀ ପାଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ସିଙ୍ଗଲ ଲିଭିଂ ପ୍ୟାରେଣ୍ଟସର ସଦସ୍ୟମାନେ ସହରର କରୋନା ସଂକ୍ରମିତଙ୍କୁ ଔଷଧ, ଗ୍ରସୋରି ସାମଗ୍ରୀ ସେମାନଙ୍କ ଘରେ ପହଞ୍ଚାଇ ଦେଉଛନ୍ତି। କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ଅକ୍ସିଜେନ ଆବଶ୍ୟକ ହେଲେ ମଧ୍ୟ ଏହି ସଂଗଠନ ତୁରନ୍ତ ଯୋଗାଇବା ବ୍ୟବସ୍ଥା କରୁଛି। ଗ୍ରୁପ୍‌ରେ ଏକଶହରୁ ଉର୍ଦ୍ଧ୍ୱ ଯୁବକ ସାମିଲ ହୋଇଛନ୍ତି। ଗୋଟିଏ ଫୋନ କଲ୍ ପାଇଲେ ସେମାନେ ସେବା ଯୋଗାଇବା ପାଇଁ ବାହାରି ପଡୁଛନ୍ତି। ବରିଷ୍ଠ ନାଗରିକମାନେ ଉପକୃତ ହେଉଥିବାରୁ ଏହାକୁ ସ୍ୱାଗତ କରିଛନ୍ତି।



ସିଙ୍ଗଲ ଲିଭିଂ ପ୍ୟାରେଣ୍ଟସଙ୍କୁ ସେବା ଯୋଗାଉଥିବା ଯୁବକମାନେ ।

